NATIONAL NEWS BULLETIN (ODIA)

25th November - 2026

Evening Bulletin : 7.15 p.m.

****

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୫ଟି ପ୍ରସ୍ତାବରେ ବାଜିଲା ମୋହର ।

— ନିର୍ମାଣ ଓ ଭିତ୍ତିଭୂମି ଉପକରଣ ଉତ୍ପାଦନ ଇକୋ ସିଷ୍ଟମ୍ ଯୋଜନାର ସମ୍ପ୍ରସାରଣ ପ୍ରସ୍ତାବ ପାରିତ ।

— ଅନୁମୋଦିତ ହେଲା ଡାକ ବିଭାଗର ଆଧୁନିକୀକରଣ ଓ ବିଭିନ୍ନ ଯୋଜନାକୁ ଜାରି ରଖିବା ସହିତ ଐତିହ୍ୟସମ୍ପନ୍ନ ପୁରାତନ ଅଟ୍ଟାଳିକାଗୁଡ଼ିକର ସଂରକ୍ଷଣ ସମ୍ପର୍କିତ ପ୍ରସ୍ତାବ ।

- ଆଇନଗତ ପେସାରେ ମହିଳାମାନଙ୍କର ଅଧିକରୁ ଅଧିକ ଅଂଶଗ୍ରହଣ ଉପରେ ସୁପ୍ରିମ୍ କୋର୍ଟ ପ୍ରଧାନ ବିଚାରପତଙ୍କ ଗୁରୁତ୍ୱାରୋପ ।

- ଦେଶର ବିକାଶ ସହିତ ମହିଳାମାନଙ୍କର ସୁରକ୍ଷା, ସମ୍ମାନ ଏବଂ ଆର୍ଥିକ ସ୍ୱାଧୀନତାର ସଶକ୍ତୀକରଣ ଲାଗି କେନ୍ଦ୍ର କୃଷିମନ୍ତ୍ରୀଙ୍କ ଆହ୍ୱାନ ।

ଏବଂ

- ମହିଳା ଏସୀୟ ହକି ଚାମ୍ପିୟନ୍ସ ଟ୍ରଫି ପ୍ରତିଯୋଗିତାର ଶେଷ ଲିଗ୍ ମ୍ୟାଚ୍‌ରେ ଭୋପାଳଠାରେ ଭାରତ ଓ ଜାପାନ ମଧ୍ୟରେ ମୁକାବିଲା ଜାରି ।

କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୫ଟି ପ୍ରମୁଖ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ବୈଠକ ପରେ ଗଣମାଧ୍ୟକୁ ଏ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି :

Voice (Aswini Baishnav) :.....

ଶ୍ରୀ ବୈଷ୍ଣବ କହିଛନ୍ତି, ନିର୍ମାଣ ଓ ଭିତ୍ତିଭୂମି ଉପକରଣ ଉତ୍ପାଦନ ଇକୋ ସିଷ୍ଟମ୍ ଯୋଜନାକୁ ସମ୍ପ୍ରସାରିତ କରିବା ଲାଗି ୧ ୧ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଭାରିଶିଳ୍ପ ମନ୍ତ୍ରଣାଳୟଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା

ଏହି ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷରେ ଆରମ୍ଭ ହୋଇ ୮ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, ନିର୍ମାଣ ଓ ଭିତ୍ତିଭୂମି ଉପକରଣର ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଏବଂ ଏହିସବୁ ଉପକରଣର ଦେଶରେ ପରୀକ୍ଷା ଲାଗି ଏକ ଅତ୍ୟାଧୁନିକ କେନ୍ଦ୍ର ପ୍ରତିଷ୍ଠା କରିବା ସହିତ ଏକ୍ଷେତ୍ରରେ ଆତ୍ମନିର୍ଭରତା ବୃଦ୍ଧି କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହାଦ୍ୱାରା ଭାରତ ବିଶ୍ୱ ସ୍ତରରେ ନିର୍ମାଣ ଓ ଭିତ୍ତିଭୂମି ଉପକରଣ ବଜାରରେ ଏକ ପ୍ରମୁଖ ଅଂଶୀଦାର ଭାବେ ଉଭା ହୋଇପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ଭାରତ' ଏଭଳି ଉପକରଣ ଉତ୍ପାଦନ କରିବାରେ ଚୀନ୍ ଓ ଆମେରିକା ପରେ ବିଶ୍ୱର ତୃତୀୟ ସର୍ବବୃହତ୍ ରାଷ୍ଟ୍ରର ମାନ୍ୟତା ପାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତ ଏକ୍ଷେତ୍ରରେ ପ୍ରାୟ ୯୭ ହଜାର ୫ ଶହ କୋଟି ଟଙ୍କାର ବ୍ୟବସାୟ କରିଛି । ଆସନ୍ତା ୨୦୨୯-୩୦ ଆର୍ଥିକ ବର୍ଷ ସୁଦ୍ଧା ଏହି ପରିମାଣକୁ ପ୍ରାୟ ୨ ଲକ୍ଷ ୨୦ ହଜାର ୧ ଶହ କୋଟି ଟଙ୍କାକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

Voice (MM Aswini) :.....

୨ ହଜାର ୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ଆସାମ୍‌ର ସିଲ୍‌ଚରସ୍ଥିତ ଡୋଲୋ ଗ୍ରୀନ୍‌ଫିଲ୍‌ଡ୍ ବିମାନ ବନ୍ଦରର ବିକାଶ ସମ୍ପର୍କିତ ଏକ ପ୍ରସ୍ତାବ ଆଜି କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଛି । ଏ ସମ୍ପର୍କରେ ସୂଚନା

ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ୧୨ ହଜାର ବର୍ଗମିଟର ପରିମିତ ଅଞ୍ଚଳରେ ଏହି ପ୍ରସ୍ତାବିତ ଟର୍ମିଟାଲ୍ ବିଲ୍ଡିଂ ନିର୍ମାଣ କରାଯିବ । ଏକ ନିରନ୍ତର ସବୁଜ ଅଟ୍ଟାଳିକା ନୀତି ଅନୁସରଣ କରାଯାଇ ଅତ୍ୟାଧୁନିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ଏହି ବିମାନ ବନ୍ଦରର ବିକାଶ କରାଯାଉଛି ବୋଲି ସେ କହିଛନ୍ତି ।

Voice (Green Field Airport) :.....

ତାମିଲନାଡୁର କାମରାଜ ବନ୍ଦରର ଦ୍ୱିତୀୟ କଣ୍ଟେନର ଟର୍ମିନାଲ୍‌ର ବିକାଶ ସମ୍ପର୍କିତ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ସରକାରୀ-ଘରୋଇ ଭାଗିଦାରି - ପି.ପି.ପି. ମୋଡ୍‌ରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । ଏଥିଲାଗି ୪ ହଜାର ୨୮୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହାଦ୍ୱାରା ଚେନ୍ନାଇ-ଶ୍ରୀପେରୁମ୍ବୁକୁର-ଓରାଗାଡାମ୍, ହୋସୁର, ବେଙ୍ଗାଲୁରୁ, ଶ୍ରୀ ସିଟି ଓ ତିରୁପତି ଭଳି ଶିଳ୍ପ କ୍ଲଷ୍ଟରଗୁଡ଼ିକରୁ ତାମିଲ୍‌ନାଡୁ, କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶକୁ ମାଲ୍ ପରିବହନ ସୁଗମ ହୋଇପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

କ୍ୟାବିନେଟ୍‌ର ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଡାକ ବିଭାଗର ବିଭିନ୍ନ ଯୋଜନାଗୁଡ଼ିକୁ ଜାରି ରଖିବା ଉଦ୍ଦେଶ୍ୟରେ ୧ ହଜାର ୪୧ କୋଟି ଟଙ୍କା ସମ୍ବଳିତ ଏକ ପ୍ରସ୍ତାବ ଆଜି ପାରିତ ହୋଇଛି । ଏହା ଚଳିତ ଆର୍ଥିକ ବର୍ଷରୁ ୪ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ । ଡାକବିଭାଗର ନେଟ୍‌ୱାର୍କ ତଥା କାର୍ଯ୍ୟପଦ୍ଧତିର ଆଧୁନିକୀକରଣ, ମାଲ୍ ପରିବହନ ବ୍ୟବସ୍ଥାକୁ ଅଧିକ ସଶକ୍ତୀକରଣ, ଗ୍ରାମାଞ୍ଚଳ ସଂଯୋଗୀକରଣକୁ

ସମ୍ପ୍ରସାରିତ କରିବା ସହିତ ନାଗରିକକୈନ୍ଦ୍ରିକ ସେବାକୁ ଅଧିକ ସୁସଂହତ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି ।

ଡାକ ବିଭାଗର ଦେଶବ୍ୟାପୀ ରହିଥିବା ଐତିହ୍ୟସମ୍ପନ୍ନ ପୁରାତନ ଅଟ୍ଟାଳିକାଗୁଡ଼ିକର ସଂରକ୍ଷଣ ତଥା ଭିତ୍ତିଭୂମି ବିକାଶ ଓ ଆଧୁନିକୀକରଣ ଲାଗି ୧ ହଜାର ୪୯୧ କୋଟି ଟଙ୍କା ବ୍ୟୟରେ ଇଷ୍ଟେଟ୍ ପରିଚାଳନା ଯୋଜନାକୁ ଜାରି ରଖିବା ସମ୍ପର୍କିତ ଏକ ପ୍ରସ୍ତାବ ମଧ୍ୟ ଆଜି କ୍ୟାବିନେଟ୍‌ରେ ପାରିତ ହୋଇଛି । ଡିଜିଟାଲ୍ ଭାରତ, ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତର ଏକ ବ୍ୟାପକ ଦୃଷ୍ଟିକୋଣକୁ ସାକାର କରିବା ସହିତ ସମାବେଶୀ ଆର୍ଥିକ ବ୍ୟବସ୍ଥାକୁ ସୁସଂହତ କରାଯିବା ଦିଗରେ ଏହି ଆଧୁନିକୀକରଣ ରଣନୀତି ପ୍ରତ୍ୟକ୍ଷ ଭାବେ ସହାୟକ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

Voice (Postal Operation) :.....

ସି.ଜେ.ଆଇ. - ୱିମେନ୍ ଆଡ୍‌ଭୋକେଟ୍

ଆଇନଗତ ପେସାରେ ମହିଳାମାନଙ୍କର ଅଧିକରୁ ଅଧିକ ଅଂଶଗ୍ରହଣ ଉପରେ ସୁପ୍ରିମ୍ କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀସ୍ଥିତ ସିରି ଫୋର୍ଟ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଆୟୋଜିତ ଶ୍ରୀମତୀ ଶଶିପ୍ରଭା ସିଂହ ସ୍ମାରକୀ ପୁରସ୍କାର ପ୍ରଦାନ ସମାରୋହକୁ

ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ନିଜ ନିଜ ଚାମ୍ବର୍‌ରେ ଅନ୍ତତଃ ଏକ-ତୃତୀୟାଂଶ ମହିଳା ଜୁନିୟର୍ ଆଇନଜୀବୀଙ୍କୁ ସ୍ଥାନ ଦେବା ଲାଗି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏହି ଅବସରରେ ବରିଷ୍ଠ ଆଇନଜୀବୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ସେହିଭଳି ପ୍ୟାନେଲ୍‌ଗୁଡ଼ିକରେ ମହିଳା ଆଇନଜୀବୀମାନଙ୍କର ଅଧିକରୁ ଅଧିକ ନିଯୁକ୍ତି ହେବା ସହିତ ବିଭିନ୍ନ ବାର୍ ଆସୋସିଏସନ୍‌ରେ ସେମାନଙ୍କର ପ୍ରତିନିଧିତ୍ୱ ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ୪ ଜଣ ଯୁବ ମହିଳା ଆଇନଜୀବୀଙ୍କୁ ଆଇନ ପରିଚାଳନା କ୍ଷେତ୍ରରେ ନିଜର ସାମର୍ଥ୍ୟ ତଥା ଅବଦାନ ଲାଗି ଆଜି ଏହି ଅବସରରେ ପୁରସ୍କୃତ କରାଯାଇଛି ।

ପି.ଏମ୍. - ଆର୍ଟିକିଲ୍

ଭାରତର ଶ୍ରମକ୍ଷେତ୍ରର ମାନବ ସମ୍ବଳ ଲାଗି ସରକାର ସାମାଜିକ ସୁରକ୍ଷା ପରିଧିକୁ ସମ୍ପ୍ରସାରିତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତବ୍ୟକ୍ତ କରିଛନ୍ତି । ନୀତି ଆୟୋଗର ଉପାଧ୍ୟକ୍ଷ ଅଶୋକ କୁମାର ଲାହିରୀଙ୍କ ଏ ସମ୍ପର୍କିତ ଏକ ଲେଖାକୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶେୟାର କରି ଶ୍ରୀ ମୋଦି ଏହା କହିଛନ୍ତି । ନିଜ ଲେଖାରେ ଶ୍ରୀ ଲାହିରୀ' ଭବିଷ୍ୟନିଧି ପାଣ୍ଠି ମଜୁରୀର ସର୍ବୋଚ୍ଚ ସୀମା ବୃଦ୍ଧି କରିବା, ଏହି ପାଣ୍ଠି ଅଧୀନରେ ଅଧିକରୁ

ଅଧିକ ଶ୍ରମିକଙ୍କୁ ପଞ୍ଜିକୃତ କରିବା ସହିତ ପେନ୍‌ସନ୍ ଓ ବୀମା ସୁରକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

ଶିବରାଜ - ନୟି ଚେତନା

ଦେଶର ବିକାଶ ସହିତ ମହିଳାମାନଙ୍କର ସୁରକ୍ଷା, ସମ୍ମାନ ଏବଂ ଆର୍ଥିକ ସ୍ୱାଧୀନତା ମିଳିତ ଭାବେ ସଶକ୍ତ କରିବା ଉପରେ କୃଷି, କୃଷକ କଲ୍ୟାଣ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀରେ ଜାତୀୟ ଲିଙ୍ଗଗତ ସମାନତା ଅଭିଯାନ 'ନୟି ଚେତନା- ପହଲ୍ ବଦଲାଓ୍ୱ କୀ'ର ପଞ୍ଚମ ସଂସ୍କରଣର ଶୁଭାରମ୍ଭ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, ମହିଳା ସଶକ୍ତୀକରଣ କେବଳ ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ; ବରଂ ସାମାଜିକ-ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅଧିକରୁ ଅଧିକ ଅଂଶଗ୍ରହଣ କରି ନିଷ୍ପତ୍ତି ଓ ନେତୃତ୍ୱ ନେବାରେ ସକ୍ଷମ କରିବାର ଆବଶ୍ୟକତା ରହିଛି । ଏହି ଅବସରରେ ଶ୍ରୀ ଚୌହାନ' ମହିଳାମାନଙ୍କ ନେତୃତ୍ୱରେ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକର ଭୂମିକା ଉପରେ ଆଲୋକପାତ କରି ତୃଣମୂଳ ସ୍ତରରେ ଏହାଦ୍ୱାରା ଗୋଷ୍ଠଗତ ପ୍ରତିଷ୍ଠାନଗୁଡ଼ିକ କିଭଳି ସଶକ୍ତ ହେବା ସହିତ ଏକ

ସମାବେଶୀ ସମାଜ ଗଠନ ଦିଗରେ ସହାୟକ ହୋଇପାରିଛି ବୋଲି ମତବ୍ୟକ୍ତ କରିଛନ୍ତି ।

ଏହି ସମାରୋହରେ ଉଦ୍‌ବୋଧନ ଦେଇ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ' ମହିଳାମାନଙ୍କର ସଶକ୍ତୀକରଣ, ସୁରକ୍ଷା, ସମାନତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଲାଗି ବିଭିନ୍ନ ସରକାରୀ ବିଭାଗ ଓ ସମାଜ ମିଳିତ ପ୍ରୟାସ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ୱିମେନ୍ ହକି

ମହିଳା ଏସୀୟ ହକି ଚାମ୍ପିୟନ୍ସ ଟ୍ରଫି ପ୍ରତିଯୋଗିତାର ଶେଷ ଲିଗ୍ ମ୍ୟାଚ୍‌ରେ ଆଜି ଭାରତ ଓ ଜାପାନ ମଧ୍ୟରେ ମୁକାବିଲା ଜାରି ରହିଛି । ଭୋପାଳ ଠାରେ ଏହି ମ୍ୟାଚ୍ ଆରମ୍ଭ ହୋଇଛି । ହକିରେ ଭାରତ ବର୍ତ୍ତମାନ ବିଶ୍ୱରେ ସପ୍ତମ ସ୍ଥାନରେ ଥିବାବେଳେ ଏକାଦଶ ସ୍ଥାନରେ ଜାପାନ ରହିଛି । ତେବେ ଏସୀୟ ର୍ୟାଙ୍କିଂରେ ଭାରତ ଦ୍ୱିତୀୟ ଏବଂ ଜାପାନ ତୃତୀୟ ସ୍ଥାନରେ ରହିଛି ।

*****